# ଗ୍ରାମିଣ କୃଷି ମୌସମ ସେବା

## ଭାରତ ପାଣିପାଗ ବିଭାଗ

## ପାଣିପାଗ କ୍ଷେତ୍ରୀୟ ୟୁନିଟ୍, ଜି. ଉଦୟଗିରି

**ଆଂଚଳିକ ଗବେଷଣା ଓ ବୈଷୟିକ ସମ୍ପ୍ରସାରଣ କେନ୍ଦ୍ର, ଜି. ଉଦୟଗିରି, କନ୍ଧମାଳ**

**ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର**

**ପାଣିପାଗ ପୂର୍ବାନୁମାନ : ୧୮.୦୧.୨୦୧୯ ଠାରୁ ୨୩.୦୧.୨୦୧୯**

| ଜିଲ୍ଲା | ତାରିଖ | ବର୍ଷା (ମି.ମି.) | ସର୍ବାଧିକ ତାପମାତ୍ରା (ସେ.ଗ୍ରେ.) | ସର୍ବନିମ୍ନ ତାପମାତ୍ରା (ସେ.ଗ୍ରେ.) | ମେଘାଚ୍ଛନ୍ନ | ସର୍ବାଧିକ ଆର୍ଦ୍ରତା | ସର୍ବନିମ୍ନ ଆର୍ଦ୍ରତା | ବାୟୁର ଗତି | ବାୟୁର ଦିଗ (ଡି.) |
|---|---|---|---|---|---|---|---|---|---|
| ରାୟଗଡା | ୧୯.୦୧.୨୦୧୯ | ୦ | ୨୯ | ୧୩ | ୧ | ୮୫ | ୩୦ | ୩ | ୧୩୭ |
| | ୨୦.୦୧.୨୦୧୯ | ୦ | ୨୯ | ୧୩ | ୦ | ୫୬ | ୩୨ | ୩ | ୧୬୬ |
| | ୨୧.୦୧.୨୦୧୯ | ୦ | ୩୦ | ୧୪ | ୦ | ୬୨ | ୩୪ | ୪ | ୧୪୯ |
| | ୨୨.୦୧.୨୦୧୯ | ୦ | ୩୧ | ୧୪ | ୧ | ୭୩ | ୩୬ | ୪ | ୧୫୯ |
| | ୨୩.୦୧.୨୦୧୯ | ୦ | ୩୨ | ୧୫ | ୦ | ୬୮ | ୩୫ | ୪ | ୧୭୦ |

### ପାଣିପାଗ ଜନିତ କୃଷି ଉପଦେଶ

### କୃଷି ଉପଦେଶ

**ରାତିର ତାପମାତ୍ରା କମ୍ ରହୁଥିବାରୁ ଉପଯୁକ୍ତ କୃଷି ପଦକ୍ଷେପ**

1. ଧାନ ତଳି ପକାଇବା ପାଇବା ପାଇଁ ଧାନ ବିହନ ଗଜା କରୁଥିଲେ ତାପମାତ୍ରା କମ୍ କରିବା ଯୋଗୁଁ ଧାନ ଭଲ ଗଜା ହୋଇପାରେ ନାହିଁ। ତେଣୁ ଭିଜା ଧାନକୁ ଅଖାରେ ଭର୍ତ୍ତିକରି ମଝିରେ ମଝିରେ ଗରମ ପାଣି ସିଂଚନ କରନ୍ତୁ।
2. ରାତିର ତାପମାତ୍ରା କମ୍ ରହୁଥିବାରୁ ତଳିଘରାରେ ଧାନ ତଳି ଭଲ ବଢିବା ପାଇଁ ଶୁଖିଲା ଖତକୁ ଗୁଣ୍ଡ କରି ପ୍ରୟୋଗ କରନ୍ତୁ। ଯଦ୍ବାରା ତାପମାତ୍ରା ଅଧିକ ରହିବ ଓ ତଳି ଭଲଭାବରେ ବଢିବ।
3. ଆଗକୁ ଖରା ଓ ଶୁଖିଲା ପାଗ ହେବାକୁ ଥିବାରୁ ଧାନକୁ ଭଲଭାବରେ ଶୁଖାଇ ଅମଳ କରନ୍ତୁ ଓ ଅମଳ ପରେ ଧାନକୁ ସାଇତି ରଖିବା ପୂର୍ବରୁ ଗୋଦାମରେ ସାଇତା ପୋକର ଆକ୍ରମଣରୁ ରକ୍ଷା କରିବା ପାଇଁ ଟାଣ ଖରାରେ ସାଇତି ରଖନ୍ତୁ।
4. ବିଳମ୍ବ ଶୀତ ଦିନିଆ କୋବି ଓ ଟମାଟୋ ଫସଲ ପାଇଁ ତଳି ପକାଉଥିଲେ ତଳିଘରାର ତାପମାତ୍ରା ଅଧିକ ରଖିବା ପାଇଁ ବିହନ ଲଗାଇ ନଡା ଦ୍ୱାରା ଆଚ୍ଛାଦନ କରନ୍ତୁ କିମ୍ବା ପଲିଥିନ୍ ରେ ତଳି ଘରାକୁ ରାତି ସମୟରେ ଘୋଡାଇ ସକାଳୁ ବାହାର କରିଦିଅନ୍ତୁ।
5. ବର୍ତ୍ତମାନ ପନିପରିବା ତଳି ରୋଉ ଥିଲେ ରାତିର କମ୍ ତାପମାତ୍ରାରୁ ରକ୍ଷା ପାଇବା ପାଇଁ ରାତିରେ ତଳିକୁ ଠୁଙ୍ଗାରେ ଘୋଡାଇ ଦିଅନ୍ତୁ।
6. ବର୍ତ୍ତମାନ ତାପମାତ୍ରା କମ ଥିବାରୁ ଗଜା ଭଲ ହେବ ନାହିଁ। ତେଣୁ ତୈଳବୀଜ ଫସଲର ବୁଣାବୁଣି ପାଇଁ ତାପମାତ୍ରା ବଢିବା ପର୍ଯ୍ୟନ୍ତ

- ଜଳସେଚନର ସୁବିଧା ଥିଲେ ଗୋଲାପ ଫୁଲ ଡିସେମ୍ବର ମାସ ଶେଷ ପର୍ଯ୍ୟନ୍ତ ଲଗାଯାଇ ପାରିବ ।ଗଛ କୁ ଗଛ 60X60 କିମ୍ବା 1X1 ମିଟର ବ୍ୟବଧାନ ରଖନ୍ତୁ । ଅଧିକ ଫୁଲ ପାଇବା ପାଇଁ ବ୍ୟବଧାନ 30X30 କମାଇ ପାରିବେ ।ଗଛ ଲଗାଇବା ପରେ ପାଣି ଦିଅନ୍ତୁ । ନୂଆ ଡାଳ କଅଁଳିବା ପର୍ଯ୍ୟନ୍ତ ହାଲୁକା ଜଳସେଚନ କରିଥାଆନ୍ତୁ ।

**ସୋରିଷ**

- ସୋରିଷ ଫସଲରେ ଜଉପୋକ ଦେଖାଦେଲେ ପ୍ରତି ଲିଟର ପାଣିରେ ୨ ମି.ଲି. ଡାଇମିଥୋଏଟ୍ ୩୦% ଇ.ସି. କିମ୍ବା ୦.୩ ମି.ଲି. ଇମିଡ଼ାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍ ମିଶାଇ ଏକର ପ୍ରତି ୨୦୦ ଲିଟର କୀଟନାଶକ ଦ୍ରବଣ ଅପରାହ୍ନରେ ସିଞ୍ଚନ କରନ୍ତୁ |
- <u>ପତ୍ରଦାଗ ରୋଗର ନିରାକରଣ ନିମନ୍ତେ</u> - ଆକ୍ରାନ୍ତ ଫସଲରେ ମେଟାଲାକ୍ସିଲ ଏମ ୮% + ମଙ୍କୋଜେବ ୬୪% କୁ ୦.୨ ଓ ମଙ୍କୋଜେବ ୦.୪% କିମ୍ବା କ୍ଲୋରୋଥାଲୋନୀଲ ୨ଗ୍ରାମ୍ / କିମ୍ବା କାର୍ବେଣ୍ଡାଜିମ + ମଙ୍କୋଜେବ ୦.୧୫ ଗ୍ରାମ୍ କୁ ୧୦ ଦିନ ଏକାନ୍ତରେ ସିଞ୍ଚନ କରନ୍ତୁ |
- <u>ଧଳା କଳଙ୍କି ରୋଗ -</u> ଆକ୍ରାନ୍ତ ବିଲରେ ମେଟାଲାକ୍ସିଲ + ମାଙ୍କୋଜେବ ୦.୨% କିମ୍ବା କପରଅକ୍ସିକ୍ଲୋରାଇଡ ୦.୨୫% ସିଞ୍ଚନ କରନ୍ତୁ |

**କୋବି ଜାତୀୟ ଫସଲ**

- ବନ୍ଧାକୋବି, ଫୁଲକୋବି, ଓଲୋକୋବି ଆଦି ଫସଲରେ ପତ୍ରଖିଆ ପୋକ ଲାଗିବାର ସମ୍ଭାବନା ରହିଛି | ଏହି ପୋକର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ଫିପ୍ରୋନିଲ୍ ୫% ଏସ୍.ସି. କିମ୍ବା ୧.୫ ଗ୍ରାମ୍ କାରଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦% ଏସ୍.ପି. କିମ୍ବା ୦.୪ ମି.ଲି. ସ୍ପିନୋସାଡ୍ ୪୫% ଏସ୍.ସି. କିମ୍ବା ୦.୪ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ୩୯.୩୫% ଏସ୍.ସି. ମିଶାଇ ଏକର ପ୍ରତି ୨୦୦ ଲିଟର କୀଟନାଶକ ମିଶ୍ରଣ ସିଞ୍ଚନ କରନ୍ତୁ |
- ବନ୍ଧାକୋବି, ଫୁଲକୋବି, ଓଲୋକୋବି ଆଦି ଫସଲରେ ଝାଉଁଳା ରୋଗ ଲାଗିଲେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ ୧୨% + ମାନକୋଜେବ୍ ୬୩% ଡବ୍ଲୁ.ପି. ମିଶାଇ ଏକର ପ୍ରତି ୨୦୦ ଲିଟର ଫିମ୍ପିନାଶକ ମିଶ୍ରଣ ମୂଳକୁ ଭିଜେଇ ସିଞ୍ଚନ କରନ୍ତୁ |
- କୋବି ଫସଲରେ କଳାସଢ଼ା ରୋଗ ଦେଖାଦେଲେ ପ୍ରତି ଲିଟର ପାଣିରେ ୨.୫ ମି.ଲି. କାସୁଗାମାଇସିନ୍ ୩% ଏସ୍.ଏଲ୍. ମିଶାଇ ଏକର ପ୍ରତି ୨୦୦ ଲିଟର ଫିମ୍ପିନାଶକ ମିଶ୍ରଣ ସିଞ୍ଚନ କରନ୍ତୁ |
- ବର୍ତ୍ତମାନ ବନ୍ଧାକୋବି ଓ ଫୁଲ କୋବିରେ କାଳି ମୁଣ୍ଡିପୋକ ଲାଗିବାର ସମ୍ଭାବନା ଅଛି| ଏହାର ଦମନ ପାଇଁ ଏକର ପ୍ରତି ଏକ କିଗ୍ରା ବିଟି ପ୍ରଡକ୍ଟ କିମ୍ବା 250 ଏଲ୍.ଇ.ଏସ୍.ଏଲ୍.ଏନ୍.ପି.ଭି ଏକ ସପ୍ତାହ ଅନ୍ତରରେ ଅଦଳ ବଦଳ କରି ସିଂଚନ କରନ୍ତୁ|
- କୋବି ଫସଲରେ ପତ୍ରପୋଡ଼ା ଜନିତ ରୋଗ ଦେଖାଦେଲେ କ୍ଲୋରୋଥାଲୋନିଲ୍ ୭୫% ଡବ୍ଲୁ.ପି. ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ମିଶାଇ ଏକର ପ୍ରତି ୨୦୦ ଲିଟର ଫିମ୍ପିନାଶକ ଦ୍ରବଣ ସିଞ୍ଚନ କରନ୍ତୁ |

## ଶୀତଦିନେ ଗୃହପାଳିତ ପ୍ରାଣୀସମ୍ପଦର ଯତ୍ନ

ଶୀତଦିନେ ପ୍ରାଣୀପାଳକ ମାନେ ପ୍ରାଣୀସମ୍ପଦର ସ୍ୱାସ୍ଥ୍ୟ ରକ୍ଷା ନେଇ ଅନେକ ରୂପେ ଚିନ୍ତିତ ଥାଆନ୍ତି । ଠିକ୍ ଭାବରେ ଯତ୍ନ ନ ନେଲେ ପ୍ରାଣୀସମ୍ପଦର ଉତ୍ପାଦନ କ୍ଷମତାରେ ହ୍ରାସ ଘଟିଥାଏ ଓ ଚାଷୀ ମାନେ ପ୍ରଭୁତ କ୍ଷତି ସହିଥାନ୍ତି । ଶୀତ ଦାଉରୁ ପ୍ରାଣୀସମ୍ପଦର ସୁରକ୍ଷା ସାଙ୍ଗକୁ ଉତ୍ପାଦକତା ବଢ଼ାଇବାକୁ ନିମ୍ନଲିଖିତ ସତର୍କତା ଅବଲମ୍ବନ କରିବା ବିଧେୟ ।

- ଶୀତ ରାତିରେ ଗୃହପାଳିତ ପ୍ରାଣୀ ମାନଙ୍କୁ ବାହାରେ ଛାଡ଼ନ୍ତୁ ନାହିଁ କିମ୍ବା ଖୋଲା ସ୍ଥାନରେ ବାନ୍ଧନ୍ତୁ ନାହିଁ ।
- ଖୋଲା ଗୁହାଳ ହୋଇଥିଲେ ରାତ୍ରି ସମୟରେ ଜରି, ପାଲ ଓ ଅଖା ଆଦିରେ ଏହାକୁ ନିବୃତ୍ତ କରି ରଖନ୍ତୁ ।
- ଗର୍ଭବତୀ ପ୍ରାଣୀ ତଥା ସେମାନଙ୍କ ଛୁଆଙ୍କ ସକାଶେ ନଡ଼ା ଓ ଶୁଖିଲା ପତ୍ର ଆଦିର ବିଛଣା ପ୍ରସ୍ତତ କରି ରଖନ୍ତୁ । ଏହା ଆରାମଦାୟକ ପ୍ରସବ ସାଙ୍ଗକୁ ଛୁଆମାନଙ୍କୁ ଆବଶ୍ୟକ ଉଷ୍ମତା ପ୍ରଦାନ କରିଥାଏ ।

**<u>ମାଛ ଚାଷ</u>**

- ଶୀତ ଦିନେ ପୋଖରୀରେ ସାଧାରଣତଃ ଖାଦ୍ୟ କମାଇବା ସହିତ ଜୈବିକ ସାର ପ୍ରୟୋଗ ନକରିବା ଉଚିତ୍ |
- ବୀଜାଣୁ ଜନିତ ଗାଲି ରୋଗରେ ଆକ୍ରାନ୍ତ ମାଛ ଭଲ ଭାବରେ ପହଁରି ପାରେ ନାହିଁ | କୂଳକୁ ଆସି ବାଡେଇହୁଏ ଗାଲି ଛିଡିଯାଏ ଏ ସେଥା ପଡିଯାଏ| ଆକ୍ରାନ୍ତ ମାଛକୁ 30 ପିପିଟି ଲୁଣପାଣିରେ 4 ମିନିଟ ବୁଡାଇ ପୋଖରୀରେ ଛାଡିଲେ ରୋଗ ଭଲ ହୋଇଯିବ ଓ ଏହା ବ୍ୟତିତ ପ୍ରତି ଏକର ମିଟର ପୋଖରୀ ପାଣିରେ 40 କିଗ୍ରା କର୍ବୋନେଟ୍ ଚୂନ ଓ ଆୟୋଡିନ୍ ଦ୍ରବଣ ଯୁକ୍ତ ଔଷଧ ଆବଶ୍ୟକ ମୂତାବକ ପ୍ରୟୋଗ କରନ୍ତୁ|

ବିଷେଶ ସୂଚନ -

- କୃଷି ସମସ୍ୟାର ସମାଧାନ ପାଇଁ ବିନା ଦେୟରେ କିଷାନ କଲ୍ କେନ୍ଦ୍ର **(Kisan Call Centre)** ର ୧୫୫୧ ନମ୍ବରକୁ ଫୋନ କରନ୍ତୁ ।
- ଫସଲ ବୀମା ନିଶ୍ଚିତ ପକ୍ଷେ କରନ୍ତୁ ।

*ଅଂଚଳିକ ଗବେଷଣା ନିର୍ଦ୍ଦେଶକ ଏବଂ ନୋଡାଲ ଅଫିସର,*

*ଗ୍ରାମିଣ କୃଷି ମୌସମ ସେବା, ଜି. ଉଦୟଗିରି*